ଜିଲ୍ଲାପାଳ ଏବଂ ଅନ୍ୟମାନେ

ବନାମ

ଶ୍ରୀମତୀ ଶେକ୍ ହସମଥ ବିବି

ଏପ୍ରିଲ 23,2001

[ଜି.ବି. ପଟ୍ଟନାୟକ ଏବଂ ୟୁ.ସି. ବାନାର୍ଜୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଆନ୍ଧ୍ରପ୍ରଦେଶ ମଦ ଚୋରା ଚାଲାଣକାରୀ, ଡକାୟତ, ନିଶାଦ୍ରବ୍ୟ ଅପରାଧୀ, ଗୁଣ୍ଡା, ଅନୈତିକ ବ୍ୟବସାୟୀ ଏବଂ ଜମି ହଡ଼ପକାରୀଙ୍କ ବିପଜ୍ଜନକ କାର୍ଯ୍ୟକଳାପ ନିରୋଧ ଅଧିନିୟମ, 1986: ଧାରା 3 ଏବଂ 15*

*ଅଟକବନ୍ଦୀ— ଅସ୍ଥାୟୀ ମୁକ୍ତି ପାଇଁ ଆବେଦନ— ଫଏସଲାରେ ବିଳମ୍ବ— ପ୍ରଭାବ*

*ଭାରତର ସମ୍ବିଧାନ, 1950: ଅନୁଚ୍ଛେଦ 22 (5)*

*ପ୍ରତିରୋଧାତ୍ମକ ଅଟକ— ଅଟକ ଆଦେଶ— ଅଟକବନ୍ଦୀ— ଅସ୍ଥାୟୀ ମୁକ୍ତି ପାଇଁ ଆବେଦନ— ଫଏସଲାରେ ବିଳମ୍ବ— ଅନୁଚ୍ଛେଦ 22 (5) ର ଉଲ୍ଲଂଘନ ନୁହେଁ ବୋଲି ନିର୍ଣ୍ଣୟ ହୋଇଛି ।*

**ଆନ୍ଧ୍ରପ୍ରଦେଶ ମଦ ଚୋରା ଚାଲାଣକାରୀ, ଡକାୟତ, ନିଶାଦ୍ରବ୍ୟ ଅପରାଧୀ, ଗୁଣ୍ଡା, ଅନୈତିକ ବ୍ୟବସାୟୀ ଏବଂ ଜମି ହଡ଼ପକାରୀଙ୍କ ବିପଜ୍ଜନକ କାର୍ଯ୍ୟକଳାପ ନିରୋଧ ଅଧିନିୟମ, 1986 ର ଧାରା 3 ଅନୁଯାୟୀ ପାରିତ ହୋଇଥିବା ଅଟକ ଆଦେଶକୁ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟରେ ନିଷ୍ଫଳ ଭାବରେ ଆପତ୍ତି କରାଯାଇଥିଲା । 27.4.2000 ରେ, ଅଟକ ବନ୍ଦୀ, ଅଧିନିୟମର ଧାରା 15 ଅନୁଯାୟୀ ଅସ୍ଥାୟୀ ମୁକ୍ତି ପାଇଁ ଏକ ଆବେଦନ କରିଥିଲେ । ଉକ୍ତ ଆବେଦନ, ରାଜ୍ୟ ସରକାରଙ୍କ ଦ୍ୱାରା 2.5.2000 ରେ ପ୍ରାପ୍ତ ହୋଇଥିଲା ଏବଂ 19.6.2000 ରେ ଜିଲ୍ଲାପାଳଙ୍କ ଠାରୁ ବିବରଣୀ ପାଇବା ପରେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ଉଚ୍ଚ ନ୍ୟାୟାଳୟରେ ଅନ୍ୟ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା ଯେଉଁଥିରେ ଦର୍ଶାଯାଇଥିଲା ଯେ ଅସ୍ଥାୟୀ ମୁକ୍ତି ପାଇଁ ଆଗତ ଆବେଦନର ଫଏସଲା କରିବାରେ ବିଳମ୍ବ ହେବା ସମ୍ବିଧାନର ଅନୁଚ୍ଛେଦ 22 (5) ର ଉଲ୍ଲଂଘନ ସହିତ ସମାନ । ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଅଟକ ଆଦେଶକୁ ରଦ୍ଦ କରିଦେଇଥିଲେ ଯେ ଯେହେତୁ ଅଟକ ବନ୍ଦୀଙ୍କ ଆବେଦନକୁ ଏକ ଯୁକ୍ତିଯୁକ୍ତ ଅବଧି ମଧ୍ୟରେ ଫଏସଲା କରାଯାଇ ନାହିଁ, ଅନୁଚ୍ଛେଦ 22 (5) ଅନୁଯାୟୀ ଅଟକ ବନ୍ଦୀଙ୍କ ପାଇଁ ନିଶ୍ଚିତ କରାଯାଇଥିବା ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ହୋଇଛି ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: 1. କେବଳ ଏହି ଅଧିନିୟମର ଧାରା 15 ଅନୁଯାୟୀ ଅଟକ ବନ୍ଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଅସ୍ଥାୟୀ ମୁକ୍ତି ଆବେଦନର ଫଏସଲା କରିବାରେ ବିଳମ୍ବ ହୋଇଥିବା କାରଣ ପାଇଁ ଉଚ୍ଚ ନ୍ୟାୟାଳୟ, ଅଟକ ଆଦେଶକୁ ଅଗ୍ରାହ୍ୟ କରିବାରେ ଗୁରୁତର ତ୍ରୁଟି କରିଛନ୍ତି ।**

**2. ପ୍ରତିରୋଧାତ୍ମକ ଅଟକର ଉଦ୍ଦେଶ୍ୟ ହେଉଛି ଅଟକ ବନ୍ଦୀଙ୍କୁ କିଛି କରିବାରୁ ବାରଣ କରିବା କିମ୍ବା ଜଣେ ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ହାସଲ କରିବାରେ ବାଧା ଦେବା । ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସନ୍ତୋଷ ହେଉଛି ଏକ ବ୍ୟକ୍ତିଗତ ସନ୍ତୋଷ । ପ୍ରତିରୋଧାତ୍ମକ ଅଟକକୁ, ସାମ୍ବିଧାନିକ ମାନ୍ୟତା ଦେବା ପଛରେ ସମ୍ବିଧାନ ପ୍ରଣେତାମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଗଣତନ୍ତ୍ରର କଲ୍ୟାଣ ସାଧନରେ ବାଧା ସୃଷ୍ଟି କରୁଥିବା, ସମାଜ ବିରୋଧୀ ଏବଂ ରାଷ୍ଟ୍ର ବିରୋଧୀ ତତ୍ତ୍ୱକୁ ପ୍ରତିହତ କରିବା । ପ୍ରତିରୋଧାତ୍ମକ ଅଟକ ପାଇଁ ଆଇନର ଆବଶ୍ୟକତାକୁ ସ୍ୱୀକାର କରି, ସମ୍ବିଧାନ ମଧ୍ୟ ଅସୁବିଧାକୁ ହ୍ରାସ କରିବା ପାଇଁ କିଛି ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରିଛି ଏବଂ ଅନୁଚ୍ଛେଦ 22 ର ଖଣ୍ଡ (5) ଏହିପରି ଏକ ସୁରକ୍ଷା, ଯାହା ଏକ ପ୍ରତିରୋଧାତ୍ମକ ଆଇନ ଅଧୀନରେ ଅଟକ ରଖାଯାଇଥିବା ଜଣେ ଅଟକ ବନ୍ଦୀଙ୍କ ପାଇଁ ଉପଲବ୍ଧ ଅଟେ ।**

**3. ଅନୁଚ୍ଛେଦ 22 (5), ଜଣେ ଅଟକ ବନ୍ଦୀଙ୍କୁ, ଅଟକ ଆଦେଶ ବିରୁଦ୍ଧରେ ଆବେଦନ କରିବାର ଅଧିକାର ପ୍ରଦାନ କରେ ଏବଂ ଏହି ଅଧିକାର ଯଥାଶୀଘ୍ର ସମ୍ଭବ ପ୍ରଦାନ କରାଯିବା ଉଚିତ । ଧାରା 22 (5) ନିଜେ ଏହା ସ୍ପଷ୍ଟ କରେ ନାହିଁ ଯେ, କାହାକୁ ଆବେଦନ କରାଯାଇପାରିବ କିମ୍ବା କିଏ ଏହି ଆବେଦନକୁ ବିଚାରକୁ ନେବେ, କିନ୍ତୁ, ଜଣେ ଅଟକବନ୍ଦୀ ଦେଇଥିବା ଆବେଦନକୁ ସରକାର ପାଇବା ମାତ୍ରେ ଯଥାଶୀଘ୍ର ବିଚାର କରିବା ଏବଂ ତାହାର ଫଏସଲା କରିବା ଆବଶ୍ୟକ । ପ୍ରତିରୋଧାତ୍ମକ ଆଇନର ଧାରା ୧୫ ଅନୁଯାୟୀ, ସରକାରଙ୍କ ପାଖରେ କୌଣସି ଅଟକ ବନ୍ଦୀଙ୍କୁ ମୁକ୍ତି ଆଦେଶରେ କିଛି ସର୍ତ୍ତ ସହ ନିର୍ଦ୍ଦିଷ୍ଟ ସମୟ ପାଇଁ ମୁକ୍ତ କରିବାର କ୍ଷମତା ଅଛି ଏବଂ ଏହି କ୍ଷମତାକୁ ବ୍ୟବହାର କରି ଅସ୍ଥାୟୀ ମୁକ୍ତି ପାଇଁ କରାଯାଇଥିବା ପ୍ରାର୍ଥନାକୁ, ସମ୍ବିଧାନର ଅନୁଚ୍ଛେଦ 22 (5) ଅନୁଯାୟୀ ଅଟକ ଆଦେଶ ବିରୁଦ୍ଧରେ କରାଯାଇଥିବା ଆବେଦନ ବୋଲି ଧରାଯାଇପାରିବ ନାହିଁ । ଏହି ସ୍ଥିତି କାରଣରୁ, ଯଦି ଜଣେ ଅଟକ ବନ୍ଦୀଙ୍କୁ ଅସ୍ଥାୟୀ ଭାବରେ ମୁକ୍ତ କରିବା ପାଇଁ ହୋଇଥିବା ଆବେଦନର ତୁରନ୍ତ ଫଇସଲା କରାଯାଏ ନାହିଁ ଏବଂ ଏଥିରେ କିଛି ବିଳମ୍ବ ହୁଏ, ତେବେ ତାହା ସମ୍ବିଧାନର ଧାରା 22 (5) ର ଉଲ୍ଲଂଘନ ହୋଇଛି ବୋଲି କୁହାଯାଇପାରିବ ନାହିଁ । ଅବଶ୍ୟ ଅସ୍ଥାୟୀ ଭାବରେ ମୁକ୍ତ ହେବା ପାଇଁ ଏପରି ପ୍ରାର୍ଥନାର ଏକ ଯୁକ୍ତିଯୁକ୍ତ ସମୟ ମଧ୍ୟରେ ସମାଧାନ କରାଯିବା ଉଚିତ, କିନ୍ତୁ ଅଧିନିୟମର ଧାରା 15 ଅନୁଯାୟୀ ଅସ୍ଥାୟୀ ମୁକ୍ତି ପାଇଁ ଆବେଦନ ଉପରେ ବିଚାର କରିବାରେ କର୍ତ୍ତୃପକ୍ଷଙ୍କ ବିଳମ୍ବକୁ ଧାରା 22 (5) ଅନୁଯାୟୀ ଅଟକ ବନ୍ଦୀଙ୍କ ପାଇଁ ନିଶ୍ଚିତ କରାଯାଇଥିବା ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ବୋଲି କୁହାଯାଇପାରିବ ନାହିଁ ।**

**4. ଅଟକ ଅବଧି 5 ଫେବୃଆରୀ 2001ରୁ ଶେଷ ହୋଇଥିବାରୁ, ସେହି ସମାନ ଅଟକ ଆଦେଶ ଅଧୀନରେ ଅଟକବନ୍ଦୀଙ୍କୁ ପୁଣିଥରେ ଅଟକ ରଖିବା ଆବଶ୍ୟକ ହେବ ନାହିଁ ।**

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର: ଫୌଜଦାରୀ ଆବେଦନ ସଂଖ୍ୟା 537/2001

19.7.2000 ତାରିଖରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଡବ୍ଲ୍ୟୁ. ପି. ସଂଖ୍ୟା 9512/2000 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଗୁଣ୍ଟୁର ପ୍ରଭାକର ଆବେଦନକାରୀଙ୍କ ପାଇଁ ।

ଏମ୍. ଏନ୍. ରାଓ ଏବଂ ଡି. ମହେଶ ବାବୁ ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ପଟ୍ଟନାୟକଙ୍କ** ଦ୍ୱାରା । ଅନୁମତି ମଞ୍ଜୁର କରାଗଲା ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନରେ, ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠଙ୍କ ଏକ ରାୟ ବିରୁଦ୍ଧରେ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ରାୟ ମାଧ୍ୟମରେ ଆନ୍ଧ୍ରପ୍ରଦେଶ ମଦ ଚୋରା ଚାଲାଣକାରୀ, ଡକାୟତ, ନିଶାଦ୍ରବ୍ୟ ଅପରାଧୀ, ଗୁଣ୍ଡା, ଅନୈତିକ ବ୍ୟବସାୟୀ ଏବଂ ଜମି ହଡ଼ପକାରୀଙ୍କ ବିପଜ୍ଜନକ କାର୍ଯ୍ୟକଳାପ ନିରୋଧ ଅଧିନିୟମ, 1986 ର ଧାରା 3 ଅନୁଯାୟୀ ଜାରି କରାଯାଇଥିବା ଏକ ଅଟକ ଆଦେଶକୁ  ଅନ୍ୟାନ୍ୟ କାରଣ ମଧ୍ୟରେ ରଦ୍ଦ ଏହି ଆଧାରରେ ରଦ୍ଦ କରିଛନ୍ତି ଯେ, ଧାରା 15 ଅନୁଯାୟୀ ଅସ୍ଥାୟୀ ମୁକ୍ତି ପାଇଁ ଅଟକବନ୍ଦୀ ଦେଇଥିବା ଆବେଦନକୁ ଏକ ଯୁକ୍ତିଯୁକ୍ତ ସମୟ ମଧ୍ୟରେ ଫଏସଲା କରାଯାଇନାହିଁ, ଯାହାଦ୍ୱାରା ଅଟକବନ୍ଦୀଙ୍କୁ ସମ୍ବିଧାନର ଧାରା 22 (5) ଅନୁଯାୟୀ ପ୍ରଦତ୍ତ ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ହୋଇଛି ବୋଲି ଦର୍ଶାଯାଇଛି । ତେଣୁ ବିଚାର ପାଇଁ ପ୍ରଶ୍ନ ହେଉଛି, ଅଧିନିୟମର ଧାରା 15 ଅନୁଯାୟୀ ସରକାରଙ୍କ କ୍ଷମତାକୁ ବ୍ୟବହାର କରି ଅଟକବନ୍ଦୀ ଅସ୍ଥାୟୀ ଭାବେ ମୁକ୍ତ ହେବା ପାଇଁ ଯେଉଁ ଆବେଦନ କରିଛନ୍ତି, ଯଦି ତାହାର ଶୀଘ୍ର ବିଚାର କରାଯାଇ ନାହିଁ, ତେବେ ଏହାକୁ ସମ୍ବିଧାନର ଅନୁଛେଦ 22 (5) ର ଉଲ୍ଲଂଘନ ହୋଇଛି ବୋଲି କୁହାଯାଇପାରିବ କି?

ପ୍ରଶ୍ନରେ ଥିବା ଏହି ଅଧିନିୟମଟି ନିଶ୍ଚିତ ଭାବରେ ମଦ ବେପାରୀ, ଡକାୟତ, ନିଶାଦ୍ରବ୍ୟ ଅପରାଧୀ, ଗୁଣ୍ଡା, ଅନୈତିକ ବ୍ୟଭିଚାର ଅପରାଧୀ ଏବଂ ଜମି ହଡ଼ପକାରୀଙ୍କ ବିରୋଧରେ ଏକ ପ୍ରତୋରୋଧାତ୍ମକ ଅଟକ ଆଇନ ଅଟେ, ଏହାର ଉଦ୍ଦେଶ୍ୟ ହେଉଛି ସେମାନଙ୍କର ବିପଜ୍ଜନକ କାର୍ଯ୍ୟକଳାପକୁ ରୋକିବା, ଯାହା ସାଧାରଣ ଆଇନ ବ୍ୟବସ୍ଥା ବଜାୟ ରଖିବାରେ ବାଧା ସୃଷ୍ଟି କରିଥାଏ । ଏକ ବର୍ଗର ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକଳାପରୁ ଉପୁଜିଥିବା ପରିସ୍ଥିତିର ମୁକାବିଲା ପାଇଁ ଏହାକୁ ପ୍ରଣୟନ କରାଯାଇଥିଲା, ଯାହା ସାଧାରଣ ଆଇନ ଶୃଙ୍ଖଳା ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା ଏବଂ ସେମାନଙ୍କର ସମ୍ବଳ ଏବଂ ପ୍ରଭାବ ହେତୁ ରାଜ୍ୟ ପାଇଁ ଏହିପରି ବ୍ୟକ୍ତିଙ୍କୁ ନିୟନ୍ତ୍ରଣ କରିବା କଷ୍ଟକର ଥିଲା । ଯଦି ରାଜ୍ୟ ସରକାର ଅନୁଭବ କରନ୍ତି ଯେ ଜଣେ ଅଟକ ବନ୍ଦୀଙ୍କ କାର୍ଯ୍ୟକଳାପ, ସାଧାରଣ ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ବାଧା ସୃଷ୍ଟି କରୁଛି, ତେବେ ତାଙ୍କୁ ସେଭଳି କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ଅଧିନିୟମର ଧାରା 3 ଏକ ଅଟକ ଆଦେଶ ଜାରି କରିବା ପାଇଁ ସକ୍ଷମ କରେ । ଧାରା 3 (3) ଅନୁଯାୟୀ, ଯଦି ରାଜ୍ୟ ସରକାରଙ୍କ ବ୍ୟତୀତ, ଧାରା 3 (2) ଅଧୀନରେ କୌଣସି ଅଧିକାରୀଙ୍କ ଦ୍ୱାରା ଜଣକୁ ଅଟକ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ତେବେ ସେହି ଅଟକ ସମ୍ପର୍କିତ ତଥ୍ୟ ଏବଂ ଏହାର କାରଣ ତୁରନ୍ତ ରାଜ୍ୟ ସରକାରଙ୍କୁ ଜଣାଇବା ବାଧ୍ୟତାମୂଳକ ଅଟେ । ଧାରା 8 ରେ, ଅଟକ ରଖାଯିବା ଦିନଠାରୁ ସର୍ବାଧିକ ପାଞ୍ଚ ଦିନ ମଧ୍ୟରେ ଅଟକ ବନ୍ଦୀଙ୍କୁ ଅଟକ ରଖିବାର କାରଣ ସମ୍ପର୍କରେ ଅବଗତ କରାଇବାର ବ୍ୟବସ୍ଥା ରହିଛି । ଧାରା 9 ହେଉଛି ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରିବାର ବ୍ୟବସ୍ଥା ଏବଂ ଧାରା 10 ହେଉଛି ସେହି ବ୍ୟବସ୍ଥା, ଯାହା ଅଧୀନରେ ସରକାର ଅଟକ ରଖିବାର ତିନି ସପ୍ତାହ ମଧ୍ୟରେ ପରାମର୍ଶଦାତା ବୋର୍ଡ ନିକଟକୁ ମାମଲା ପଠାଇବାକୁ ବାଧ୍ୟ ଅଟନ୍ତି । ଧାରା 11 ହେଉଛି ଉପଦେଷ୍ଟା ମଣ୍ଡଳୀ ଦ୍ୱାରା ଅନୁସରଣ କରାଯିବାକୁ ଥିବା ପ୍ରକ୍ରିୟା ଏବଂ ଧାରା 12 ହେଉଛି ଅଟକ ରଖିବା ପାଇଁ ପର୍ଯ୍ୟାପ୍ତ କାରଣ ରହିଛି ବୋଲି ପରାମର୍ଶଦାତା ବୋର୍ଡର ମତାମତ ପାଇବା ପରେ ଅଟକ ରଖିବା ଆଦେଶକୁ ନିଶ୍ଚିତ କରିବା ପାଇଁ ସରକାରଙ୍କ କ୍ଷମତା ଅଟେ । ଧାରା 13 ଅନୁଯାୟୀ, ଏହି ଅଧିନିୟମ ଅନ୍ତର୍ଗତ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବାର ସର୍ବାଧିକ ଅବଧି ହେଉଛି ଅଟକ ରଖାଯାଇଥିବା ତାରିଖଠାରୁ ବାର ମାସ ଅଟେ । ଧାରା 14 ଅନୁଯାୟୀ, ରାଜ୍ୟ ସରକାରଙ୍କ ପାଖରେ ଜଣେ ବ୍ୟକ୍ତିଙ୍କ ବିରୋଧରେ ଜାରି କରାଯାଇଥିବା ଅଟକ ଆଦେଶକୁ ପ୍ରତ୍ୟାହାର କରିବାର କ୍ଷମତା ରହିଛି । ଏହି ମାମଲାରେ, ଆମ ଉଦ୍ଦେଶ୍ୟ ପାଇଁ ପ୍ରାସଙ୍ଗିକ ଥିବା ଧାରା 15 ହେଉଛି ଅଟକ

ବ୍ୟକ୍ତିଙ୍କୁ ସାମୟିକ ଭାବେ ମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ କ୍ଷମତା । ତେଣୁ ଉକ୍ତ ଧାରାକୁ ଏଠାରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି:

> "*ଧାରା 15: ଅଟକ ରଖାଯାଇଥିବା ବ୍ୟକ୍ତିମାନଙ୍କର ଅସ୍ଥାୟୀ ମୁକ୍ତି :-(1)* ସରକାର ଯେକୌଣସି ସମୟରେ ନିର୍ଦ୍ଦେଶ ଦେଇପାରିବେ ଯେ ଅଟକ ଆଦେଶ ଅନୁସରଣରେ ଅଟକ ରଖାଯାଇଥିବା କୌଣସି ବ୍ୟକ୍ତିଙ୍କୁ କୌଣସି ନିର୍ଦ୍ଦିଷ୍ଟ ଅବଧି ପାଇଁ ମୁକ୍ତ କରାଯାଇପାରିବ, ବିନା ସର୍ତ୍ତରେ କିମ୍ବା ସେହି ନିର୍ଦ୍ଦେଶରେ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଉପରେ ଯାହା ସେହି ବ୍ୟକ୍ତି ଗ୍ରହଣ କରନ୍ତି, ଏବଂ ଯେକୌଣସି ସମୟରେ ତାଙ୍କ ମୁକ୍ତିକୁ ମଧ୍ୟ ବାତିଲ କରିପାରିବେ ।
>
> (2) ଉପ-ଧାରା (1) ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ସମୟରେ, ସରକାର ତାଙ୍କୁ ନିର୍ଦ୍ଦେଶରେ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀର ଯଥୋଚିତ ପାଳନ ପାଇଁ ଜାମିନ ସହିତ କିମ୍ବା ବିନା ଜାମିନରେ ଏକ ଜମାନବନ୍ଦୀ କରିବାକୁ କହିପାରନ୍ତି ।
>
> (3) ଉପ-ଧାରା (1) ଅନୁଯାୟୀ ମୁକ୍ତ ହୋଇଥିବା ଯେକୌଣସି ବ୍ୟକ୍ତି, ତାଙ୍କୁ ମୁକ୍ତ କରିବା ପାଇଁ ଦିଆଯାଇଥିବା ଆଦେଶରେ ଉଲ୍ଲେଖ ଥିବା ସମୟ, ସ୍ଥାନ ଏବଂ କର୍ତ୍ତୃପକ୍ଷଙ୍କ ନିକଟରେ କିମ୍ବା ମାମଲା ଯାହା ହେଉନା କାହିଁକି, ଯଦି ତାଙ୍କର ମୁକ୍ତି ଆଦେଶକୁ ବାତିଲ କରାଯାଏ, ତେବେ ମଧ୍ୟ ସେ ନିର୍ଦ୍ଧାରିତ ନିର୍ଦ୍ଦେଶ ଅନୁଯାୟୀ ଆତ୍ମସମର୍ପଣ କରିବାକୁ ବାଧ୍ୟ ।
>
> (4) ଯଦି କୌଣସି ବ୍ୟକ୍ତି ଉପ-ଧାରା (3) ରେ ନିର୍ଦ୍ଧାରିତ ପଦ୍ଧତିରେ ପର୍ଯ୍ୟାପ୍ତ କାରଣ ବିନା ଆତ୍ମ ସମର୍ପଣ କରିବାରେ ବିଫଳ ହୁଅନ୍ତି, ତେବେ ସେ ଦୋଷୀ ସାବ୍ୟସ୍ତ ହେବା ପରେ ଦୁଇ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ଜୋରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।
>
> (5) ଯଦି ଉପ-ଧାରା (1) ଅନୁଯାୟୀ ମୁକ୍ତ ହୋଇଥିବା କୌଣସି ବ୍ୟକ୍ତି ଉକ୍ତ ଉପ-ଧାରା ଅନୁଯାୟୀ ତାଙ୍କ ଉପରେ ଲାଗୁ କରାଯାଇଥିବା କୌଣସି ସର୍ତ୍ତ ପୂରଣ କରିବାରେ କିମ୍ବା ତାଙ୍କ ଦ୍ୱାରା ଦାଖଲ ହୋଇଥିବା ଜମାନବନ୍ଦୀକୁ ପୂରଣ କରିବାରେ ବିଫଳ ହୁଅନ୍ତି, ତେବେ ଜମାନବନ୍ଦୀ, ଜବତ ହୋଇଥିବା ଘୋଷଣା କରାଯିବ ଏବଂ ଏହା ଦ୍ୱାରା ଆବଦ୍ଧ ଯେକୌଣସି ବ୍ୟକ୍ତି ଏହାର ଜୋରିମାନା ଦେବାକୁ ଉତ୍ତରଦାୟୀ ହେବେ ।

ବର୍ତ୍ତମାନ ମାମଲାରେ, 3.2.2000 ରେ ଧାରା 3 ର ଉପଧାରା (2) ଅନୁଯାୟୀ କ୍ଷମତା ପ୍ରୟୋଗ କରି ପୂର୍ବ ଗୋଦାବରୀ ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ଅଟକ ଆଦେଶ ପାରିତ ହୋଇଥିଲା ଏବଂ ଅଟକ ବନ୍ଦୀଙ୍କ ଉପରେ 5.2.2000 ରେ ଅଟକ ଆଦେଶ ଜାରି କରାଯାଇଥିଲା । ଅଟକ ବନ୍ଦୀଙ୍କୁ 7.2.2000 ରେ ଅଟକ ରଖିବାର କାରଣକୁ ବିଷୟରେ ଅବଗତ କରାଯାଇଥିଲା ଏବଂ 11.2.2000 ରେ ଅଟକ ଆଦେଶକୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଥିଲା । 16.2.2000 ରେ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ପାଇଁ ଏକ ଆବେଦନ ଦାଖଲ କରାଯାଇଥିଲା । 10.3.2000 ତାରିଖର ବିବରଣୀ ଅନୁଯାୟୀ, ଉପଦେଷ୍ଟା ମଣ୍ଡଳୀ ସମସ୍ତ ତଥ୍ୟକୁ ବିଚାରକୁ ନେଇ, ଅଟକ ବ୍ୟକ୍ତିଙ୍କୁ, ଅଟକ ରଖିବା ପାଇଁ ଯଥେଷ୍ଟ କାରଣ ଥିବା ମତ ଦେଇଥିଲେ । ଏହା ପରେ ଅଟକ ଆଦେଶକୁ, ରାଜ୍ୟ ସରକାର ଅଧିନିୟମର ଧାରା 12 ଅନୁଯାୟୀ କ୍ଷମତା ପ୍ରୟୋଗ କରି 18.3.2000 ରେ ନିଶ୍ଚିତ କରିଥିଲେ । ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ଆବେଦନକୁ ଏହି ସିଦ୍ଧାନ୍ତରେ ଖାରଜ କରାଯାଇଥିଲା ଯେ ଅଟକ କର୍ତ୍ତୃପକ୍ଷ, ଜଙ୍ଗଲ ସମ୍ପତ୍ତିର ଉପଯୁକ୍ତ ସଂରକ୍ଷଣ ଏବଂ ବେଆଇନ କାର୍ଯ୍ୟକଳାପରୁ ଏହାକୁ ରକ୍ଷା କରିବା ପାଇଁ

ଅଟକ ରଖିବାର କ୍ଷମତା ପ୍ରୟୋଗ କରିଥିଲେ । ଏହା ପରେ ଅଟକ ବନ୍ଦୀ, 27.4.2000 ରେ ଅଧିନିୟମର ଧାରା 15 ଅନୁଯାୟୀ ସରକାରଙ୍କ କ୍ଷମତାକୁ ବ୍ୟବହାର କରି, ଅସ୍ଥାୟୀ ମୁକ୍ତି ପାଇଁ ଏକ ଆବେଦନ କରିଥିଲେ, ଯାହା 2.5.2000 ରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାପ୍ତ ହୋଇଥିଲା ଏବଂ 19.6.2000 ରେ ଜିଲ୍ଲାପାଳଙ୍କଠାରୁ ବିବରଣୀ ପାଇବା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଖାରଜ ହୋଇଥିଲା ।**ଅସ୍ଥାୟୀ** ମୁକ୍ତି ପାଇଁ କରାଯାଇଥିବା ଆବେଦନର ଫଏସଲାରେ ବିଳମ୍ବ ପାଇଁ ଅନୁଛେଦ 22 (5) ଅନୁଯାୟୀ ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ହୋଇଥିବା ଅଭିଯୋଗ କରି ଉଚ୍ଚ ନ୍ୟାୟାଳୟରେ ଏକ ନୂତନ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା । 19.7.2000 ତାରିଖର ଆକ୍ଷେପିତ ରାୟ ଦ୍ୱାରା ଉଚ୍ଚ ନ୍ୟାୟାଳୟ ଉକ୍ତ ଯୁକ୍ତିକୁ ଗ୍ରହଣ କରିବାକୁ ସହମତି ଦେଇଥିଲେ ଏବଂ ଅଟକ ଆଦେଶକୁ ରଦ୍ଦ କରିଥିଲେ ଏବଂ ସେଥିପାଇଁ ବର୍ତ୍ତମାନର ଏହି ଆବେଦନ ଆଗତ ହୋଇଛି ।

ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ଶ୍ରୀ ଗୁଣ୍ଟୁର ପ୍ରଭାକର ଯୁକ୍ତି ବାଢ଼ିଥିଲେ ଯେ, ଅଧିନିୟମର ଧାରା 15 ଅନୁଯାୟୀ କ୍ଷମତା ପ୍ରୟୋଗ କରି, ଅସ୍ଥାୟୀ ମୁକ୍ତି ପାଇଁ କରାଯାଇଥିବା ଆବେଦନର ଫଏସଲା କରିବାରେ ବିଳମ୍ବ ହେଲେ, ତାହା ସମ୍ବିଧାନର ଅନୁଚ୍ଛେଦ 22 (5) ଅନ୍ତର୍ଗତ ପ୍ରଦତ୍ତ ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ବୋଲି କୁହାଯାଇପାରିବ ନାହିଁ, ତେଣୁ, କେବଳ ଏହି ଆଧାରରେ ଉଚ୍ଚ ନ୍ୟାୟାଳୟ ଅଟକ ଆଦେଶକୁ ଅଗ୍ରାହ୍ୟ କରି ଏକ ଗମ୍ଭୀର ତ୍ରୁଟି କରିଛନ୍ତି । ସେ ଆହୁରି ମଧ୍ୟ ଯୁକ୍ତି କରିଛନ୍ତି ଯେ ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ବାସ୍ତବରେ କୌଣସି ବିଳମ୍ବ ହୋଇନାହିଁ କାରଣ ଅସ୍ଥାୟୀ ମୁକ୍ତି ପାଇଁ ଆବେଦନ ଉପରେ ବିଚାର କରିବା ପୂର୍ବରୁ, ଅଟକ କର୍ତ୍ତୃପକ୍ଷଙ୍କଠାରୁ ବିବରଣୀ ମାଗିବା ରାଜ୍ୟର କର୍ତ୍ତବ୍ୟ ଥିଲା, ତେଣୁ, ଏହି ପ୍ରସଙ୍ଗରେ ଏକ ଅସ୍ୱଷ୍ଟୀକରଣ ଜନିତ ବିଳମ୍ବ ହୋଇଛି ବୋଲି କୁହାଯାଇପାରିବ ନାହିଁ ।

ଅଟକ ବନ୍ଦୀଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଏମ୍. ଏନ୍. ରାଓ, ଆଇନଗତ ସ୍ଥିତିକୁ ଗମ୍ଭୀରତାର ସହ ବିରୋଧ କରିନଥିଲେ, କିନ୍ତୁ ଉପସ୍ଥାପନ କରିଥିଲେ ଯେ ନ୍ୟାୟାଳୟ ଆଇନର ବ୍ୟାଖ୍ୟା କରିପାରନ୍ତି ଏବଂ ବନ୍ଦୀଙ୍କୁ ଅଧିକ ସମୟ ଅଟକ ରଖିବା ପାଇଁ ନିର୍ଦ୍ଦେଶ ଦେବା ଆବଶ୍ୟକ ନାହିଁ, କାରଣ 5.2.2000 ରେ ଅଟକ ଆଦେଶ ଜାରି ହୋଇଥିଲା ଏବଂ ଏହାକୁ ଏକ ବର୍ଷ ପାଇଁ କାଏମ ରଖାଯାଇଥିବାରୁ, 5 ଫେବୃଆରୀ 2001 ସୁଦ୍ଧା ଅଟକ ଅବଧି ପୂରଣ ହୋଇସାରିଛି । କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟକୁ ଦୃଷ୍ଟିରେ ରଖି, ଯାହା ଅନୁଛେଦ 22 (5) ଅନୁଯାୟୀ ଅଟକ ବନ୍ଦୀଙ୍କୁ ପ୍ରଦତ୍ତ ନିଶ୍ଚିତ ସାମ୍ବିଧାନିକ ଅଧିକାର ବିଷୟରେ ଏକ ଭୁଲ ମତ ଗ୍ରହଣ କରିଛି, ଆମକୁ ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ଆଦେଶର ବୈଧତା ଯାଞ୍ଚ କରିବାକୁ ଆହ୍ୱାନ କରାଯାଇଛି । ସମ୍ବିଧାନର ଅନୁଛେଦ 22 ର ଖଣ୍ଡ (1) ଏବଂ (2) ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯିବା ସମୟରେ ଅନୁସରଣ କରାଯିବାକୁ ଥିବା ପ୍ରକ୍ରିୟା ନିର୍ଦ୍ଧାରଣ କରିଥାଏ । ଏହା ଗିରଫଦାରୀ ବିରୁଦ୍ଧରେ ଏକ ସୁରକ୍ଷା ପ୍ରଦାନ କରେ ଯାହା ଏକ ଅଦାଲତ ଦ୍ୱାରା ଜାରି ହୋଇଥିବା ପରୱାନା ବିନା ହେଉଥିବା ଗିରଫଦାରୀ ବିରୁଦ୍ଧରେ ଅନ୍ୟଥା ପ୍ରଭାବିତ ହୁଏ, ଏହି ଗିରଫଦାରୀ କୌଣସି ଅପରାଧିକ କିମ୍ବା ଅର୍ଦ୍ଧ-ଅପରାଧିକ କାର୍ଯ୍ୟ କରିଥିବା ଅଭିଯୋଗ ବା ସନ୍ଦେହରେ କରାଯାଇଥାଏ । କିନ୍ତୁ ଅନୁଛେଦ 22 ର ଖଣ୍ଡ (3) (b) ଏକ ବ୍ୟତିକ୍ରମ ସୃଷ୍ଟି କରେ, ଯେତେବେଳେ ଜଣେ ବ୍ୟକ୍ତିଙ୍କୁ ପ୍ରତିରୋଧାତ୍ମକ ଅଟକ ଆଇନ ଅଧୀନରେ ଗିରଫ କରାଯାଏ ଏବଂ ଏହିପରି ଅଟକ ବନ୍ଦୀଙ୍କୁ 24 ଘଣ୍ଟା ମଧ୍ୟରେ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ହାଜର ହେବାର କିମ୍ବା ଓକିଲଙ୍କ ଦ୍ୱାରା ରକ୍ଷା ପାଇବାର କୌଣସି ଅଧିକାର ନାହିଁ । "ପ୍ରତିରୋଧାତ୍ମକ ଅଟକ" ର ଅର୍ଥ ହେଉଛି କୌଣସି ବ୍ୟକ୍ତିଙ୍କୁ ବିନା ବିଚାରରେ ଅଟକ ରଖିବା, ଏପରି ପରିସ୍ଥିତିରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଏ, ଯେଉଁଠାରେ କର୍ତ୍ତୃପକ୍ଷଙ୍କ ପାଖରେ ଥିବା ପ୍ରମାଣ ସେହି ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ ଅଭିଯୋଗ କରିବା ପାଇଁ କିମ୍ବା ଆଇନଗତ ପ୍ରମାଣ ଦ୍ୱାରା ତାଙ୍କୁ ଦୋଷୀ ସାବ୍ୟସ୍ତ

କରିବା ପାଇଁ ଯଥେଷ୍ଟ ନୁହେଁ, କିନ୍ତୁ ସନ୍ଦେହ ଆଧାରରେ ତାଙ୍କୁ ଅଟକ ରଖିବା ଯୁକ୍ତିଯୁକ୍ତ ବୋଲି ବିବେଚନା କରାଯାଏ । ପ୍ରତିରୋଧାତ୍ମକ ଅଟକର ଉଦ୍ଦେଶ୍ୟ ହେଉଛି ଅଟକ ବନ୍ଦୀଙ୍କୁ କିଛି କରିବାରୁ ବାରଣ କରିବା କିମ୍ବା ଜଣେ ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ହାସଲ କରିବାରେ ବାଧା ଦେବା ।।**ସମ୍ପୃକ୍ତ** କର୍ତ୍ତୃପକ୍ଷଙ୍କ ସନ୍ତୋଷ ହେଉଛି ଏକ ବ୍ୟକ୍ତିଗତ ସନ୍ତୋଷ । ପ୍ରତିରୋଧାତ୍ମକ ଅଟକକୁ, ସାମ୍ବିଧାନିକ ମାନ୍ୟତା ଦେବା ପଛରେ ସମ୍ବିଧାନ ପ୍ରଣେତାମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଗଣତନ୍ତ୍ରର କଲ୍ୟାଣ ସାଧନରେ ବାଧା ସୃଷ୍ଟି କରୁଥିବା, ସମାଜ ବିରୋଧୀ ଏବଂ ରାଷ୍ଟ୍ର ବିରୋଧୀ ଉପାଦାନମାନଙ୍କୁ ପ୍ରତିହତ କରିବା । ପ୍ରତିରୋଧାତ୍ମକ ଅଟକ ପାଇଁ ଆଇନର ଆବଶ୍ୟକତାକୁ ସ୍ୱୀକାର କରି, ସମ୍ବିଧାନ ମଧ୍ୟ ଅସୁବିଧାକୁ ହ୍ରାସ କରିବା ପାଇଁ କିଛି ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରିଛି ଏବଂ ଅନୁଚ୍ଛେଦ 22 ର ଖଣ୍ଡ (5) ଏହିପରି ଏକ ସୁରକ୍ଷା, ଯାହା ଏକ ପ୍ରତିରୋଧାତ୍ମକ ଆଇନ ଅଧୀନରେ ଅଟକ ରଖାଯାଇଥିବା ଜଣେ ଅଟକ ବନ୍ଦୀଙ୍କ ପାଇଁ ଉପଲବ୍ଧ ଅଟେ । ସମ୍ବିଧାନର ଅନୁଚ୍ଛେଦ 22 (5) କୁ ବିସ୍ତୃତଭାବେ ନିମ୍ନରେ ଉଦ୍ଧୃତ କରାଯାଇଛି:

"ଅନୁଚ୍ଛେଦ 22 (5):

> "ଯେତେବେଳେ କୌଣସି ବ୍ୟକ୍ତିଙ୍କୁ ପ୍ରତିରୋଧାତ୍ମକ ଅଟକ ରଖିବା ପାଇଁ ବ୍ୟବସ୍ଥା କରୁଥିବା କୌଣସି ଆଇନ ଅଧୀନରେ ଦିଆଯାଇଥିବା ଆଦେଶର ଅନୁସରଣରେ ଅଟକ ରଖାଯାଏ, ଆଦେଶ ଦେଉଥିବା କର୍ତ୍ତୃପକ୍ଷ, ଯଥାଶୀଘ୍ର, ସେହି ବ୍ୟକ୍ତିଙ୍କୁ ସେହି ଆଧାର ବିଷୟରେ ଜଣାଇବେ ଯାହା ଉପରେ ଆଦେଶ ଦିଆଯାଇଛି ଏବଂ ଆଦେଶ ବିରୁଦ୍ଧରେ ଆବେଦନ କରିବା ପାଇଁ ଯଥାଶୀଘ୍ର ସୁଯୋଗ ପ୍ରଦାନ କରିବେ ।"

ଅନୁଚ୍ଛେଦ 22 (5), ଜଣେ ଅଟକ ବନ୍ଦୀଙ୍କୁ, ଅଟକ ଆଦେଶ ବିରୁଦ୍ଧରେ ଆବେଦନ କରିବାର ଅଧିକାର ପ୍ରଦାନ କରେ ଏବଂ ଏହି ଅଧିକାର ଯଥାଶୀଘ୍ର ସମ୍ଭବ ପ୍ରଦାନ କରାଯିବା ଉଚିତ । ଅନ୍ୟ ଅର୍ଥରେ, ଅଟକ ବନ୍ଦୀଙ୍କୁ ତାଙ୍କ ବିରୋଧରେ ଜାରି ହୋଇଥିବା ଅଟକ ଆଦେଶ ବିରୁଦ୍ଧରେ ଆବେଦନ କରିବା ପାଇଁ ଯଥାଶୀଘ୍ର ସୁଯୋଗ ଦିଆଯିବା ଉଚିତ୍ । ଧାରା 22 (5) ନିଜେ ଏହା ସ୍ପଷ୍ଟ କରେ ନାହିଁ ଯେ, କାହାକୁ ଆବେଦନ କରାଯାଇପାରିବ କିମ୍ବା କିଏ ଏହି ଆବେଦନକୁ ବିଚାରକୁ ନେବେ, କିନ୍ତୁ, ଜଣେ ଅଟକବନ୍ଦୀ ଦେଇଥିବା ଆବେଦନକୁ ସରକାର ପାଇବା ମାତ୍ରେ ଯଥାଶୀଘ୍ର ବିଚାର କରିବା ଏବଂ ତାହାର ଫଏସଲା କରିବା ଆବଶ୍ୟକ । ସମ୍ବିଧାନର ଅନୁଚ୍ଛେଦ 22 (5) ର ବ୍ୟବସ୍ଥା ଏବଂ ତଥ୍ୟ ଅନୁଯାୟୀ, ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବା ଦ୍ୱାରା ଜଣେ ନାଗରିକଙ୍କ ବ୍ୟକ୍ତିଗତ ସ୍ୱାଧୀନତା ବାଧାପ୍ରାପ୍ତ ହୁଏ, କୌଣସି ଆବେଦନ ଉପରେ ବିଚାର କରିବା ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ସମୟ ବିଷୟରେ କୌଣସି କଡ଼ାକଡ଼ି ନିୟମ ଧାର୍ଯ୍ୟ ନକରି, ଅଦାଲତମାନଙ୍କ ଦ୍ୱାରା ଏହା ସ୍ଥିର କରାଯାଇଛି ଯେ, ଅଟକବନ୍ଦୀଙ୍କ ଦ୍ୱାରା ଆଗତ ହୋଇଥିବା ଆବେଦନକୁ କର୍ତ୍ତୃପକ୍ଷ ଯଥାଶୀଘ୍ର ବିଚାର କରିବା ଉଚିତ, ଯଦି ଏହି ଆବେଦନର ଫଏସଲା କରିବାରେ ଅସ୍ପଷ୍ଟୀକରଣ ଜନିତ ବିଳମ୍ବ ହୁଏ, ତେବେ ତାହା ଅନୁଚ୍ଛେଦ 22 (5) ଦ୍ୱାରା ପ୍ରଦତ୍ତ ଅଟକବନ୍ଦୀଙ୍କ ଅଧିକାରକୁ କ୍ଷୁଣ୍ଣ କରେ ଏବଂ ସେହି ଅଟକ ଆଦେଶକୁ ଅବୈଧ କରିଦିଏ । ଅନ୍ୟ ଅର୍ଥରେ, ଅଦଳତଗୁଡିକ ମତ ଦେଇଛନ୍ତି ଯେ ଜଣେ ଅଟକ ବନ୍ଦୀ ନିଜର ଆବେଦନ କରିବା ଏବଂ ସେହି ଆବେଦନକୁ ଯଥାଶୀଘ୍ର ବିଚାର କରାଯିବା ହେଉଛି ତାଙ୍କର ଏକ ସାମ୍ବିଧାନିକ ଅଧିକାର ଏବଂ ସରକାର ଏହି ଆବେଦନ ଉପରେ ନିଷ୍ପତ୍ତି ନେବାରେ ବିଳମ୍ବ କରି ବନ୍ଦୀଙ୍କର ସେହି ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରିପାରିବେ ନାହିଁ । କିନ୍ତୁ ଯାହା କୁହାଯାଇଛି ତାହା କେବଳ ଅଟକ ଆଦେଶ ବିରୋଧରେ ଆବେଦନ କରିବା କିମ୍ବା ଯେତେବେଳେ ଜଣେ ଅଟକ ବନ୍ଦୀ ନିଜର ଅଟକ ଆଦେଶକୁ ରଦ୍ଦ କରିବା ପାଇଁ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଆନ୍ତି, ସେହି ପରିପ୍ରେକ୍ଷୀରେ କୁହାଯାଇଛି । ସମ୍ବିଧାନର ଅନୁଚ୍ଛେଦ 22 (5)ଅନୁଯାୟୀ ପ୍ରଦତ୍ତ ସାମ୍ବିଧାନିକ ଅଧିକାରଟି

ଅଟକ ଆଦେଶ ସହିତ ସମ୍ପୃକ୍ତ, ଏହା ଅଧୀନରେ ଜଣେ ଅଟକ ବନ୍ଦୀଙ୍କୁ ନିଜର ଅଟକ ଆଦେଶ ବିରୁଦ୍ଧରେ ଏକ ଆବେଦନ କରିବା ପାଇଁ ସୁଯୋଗ ଦିଆଯିବା ଆବଶ୍ୟକ । ଅଧିନିୟମର ଧାରା 15 ଅନୁଯାୟୀ ସରକାରଙ୍କ କ୍ଷମତାକୁ ବ୍ୟବହାର କରି ଅଟକବନ୍ଦୀଙ୍କୁ ଅସ୍ଥାୟୀ ଭାବେ ମୁକ୍ତ କରିବା ପାଇଁ କରାଯାଇଥିବା ଆବେଦନକୁ, ସମ୍ବିଧାନର ଅନୁଚ୍ଛେଦ 22(5) ଅଧୀନରେ ଥିବା ସାମ୍ବିଧାନିକ ଅଧିକାର ଅନୁଯାୟୀ, ଅଟକ ଆଦେଶ ବିରୁଦ୍ଧରେ ଆବେଦନ କିମ୍ବା ଅଟକ ଆଦେଶ ରଦ୍ଦ କରିବା ପାଇଁ ଏକ ପ୍ରାର୍ଥନା ଭାବରେ ଗ୍ରହଣ କରାଯାଇପାରିବ ନାହିଁ । ଧାରା 15 ଅନ୍ତର୍ଗତ କ୍ଷମତା ହେଉଛି ସରକାରଙ୍କର ଏପରି ଏକ କ୍ଷମତା ଯେଉଁଥିରେ ଜଣେ ଅଟକ ବନ୍ଦୀଙ୍କୁ କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ସହ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ମୁକ୍ତ କରାଯାଇପାରିବ ଏବଂ ଏହିପରି ଏକ ମୁକ୍ତି ପାଇଁ କରାଯାଇଥିବା ଆବେଦନକୁ କୌଣସି ପରିସ୍ଥିତିରେ ବି ସମ୍ବିଧାନର ଅନୁଚ୍ଛେଦ 22 (5) ଅନୁଯାୟୀ ଅଟକ ଆଦେଶ ବିରୁଦ୍ଧରେ ଏକ ଆବେଦନ ଭାବେ ଗ୍ରହଣ କରାଯାଇପାରିବ ନାହିଁ । ଏହି ସ୍ଥିତି କାରଣରୁ, ଯଦି ଜଣେ ଅଟକ ବନ୍ଦୀଙ୍କୁ ଅସ୍ଥାୟୀ ଭାବେ ମୁକ୍ତ କରିବା ପାଇଁ ହୋଇଥିବା ଆବେଦନର ତୁରନ୍ତ ଫଏସଲା ନହୁଏ କିମ୍ବା ଏଥିରେ କିଛି ବିଳମ୍ବ ହୁଏ, ତେବେ ଏହା ସମ୍ବିଧାନର ଅନୁଚ୍ଛେଦ 22 (5) ର ଉଲ୍ଲଂଘନ ବୋଲି ଧରାଯିବ ନାହିଁ । ନିଶ୍ଚିତ ଭାବରେ, ଅସ୍ଥାୟୀ ମୁକ୍ତି ପାଇଁ କରାଯାଇଥିବା ଆବେଦନର ନିଷ୍ପତ୍ତି ଉଚିତ ସମୟ ମଧ୍ୟରେ କରାଯିବା ଉଚିତ୍, କିନ୍ତୁ ଆଇନର ଧାରା 15 ଅନୁଯାୟୀ ଅସ୍ଥାୟୀ ମୁକ୍ତି ପାଇଁ କରାଯାଇଥିବା ଆବେଦନକୁ ବିଚାର କରିବାରେ କର୍ତ୍ତୃପକ୍ଷ ଯଦି ବିଳମ୍ବ କରନ୍ତି, ତେବେ ତାହାକୁ ସମ୍ବିଧାନର ଅନୁଚ୍ଛେଦ 22 (5) ଅନୁଯାୟୀ ଜଣେ ଅଟକ ବନ୍ଦୀଙ୍କୁ ପ୍ରଦତ୍ତ ନିଶ୍ଚିତ ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ବୋଲି କୁହାଯାଇପାରିବ ନାହିଁ । ଏହି ମାମଲାକୁ ଦୃଷ୍ଟିରେ ରଖି, ଆମେ ଏହି ଉପସଂହାରରେ ପହଞ୍ଚିବାରେ କୌଣସି ଦ୍ୱିଧା ନାହିଁ ଯେ ଅଟକ ଆଦେଶକୁ ଅଗ୍ରାହ୍ୟ କରିବାରେ ଉଚ୍ଚ ନ୍ୟାୟାଳୟ ଗୁରୁତର ତ୍ରୁଟି କରିଛନ୍ତି, କେବଳ ଏହି କାରଣରୁ ଯେ ଅଧିନିୟମର ଧାରା 15 ଅନୁଯାୟୀ ଅଟକ ବନ୍ଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଅସ୍ଥାୟୀ ମୁକ୍ତି ପାଇଁ ଆବେଦନକୁ ଫଏସଲା କରିବାରେ ବିଳମ୍ବ ହୋଇଥିଲା, ତେଣୁ, ଆମେ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟକୁ ଅଗ୍ରାହ୍ୟ କରୁଛୁ ଏବଂ ସେହି ଅନୁଯାୟୀ ଆବେଦନକୁ ଅନୁମତି ଦେଉଛୁ । ଏହା ନଥିରେ ଲିପିବଦ୍ଧ କରାଯାଇଛି ଯେ, 5 ଫେବୃଆରୀ 2001 ଠାରୁ ଅଟକ ଅବଧି ସମାପ୍ତ ହେବା ପରେ, ଅଟକ ବନ୍ଦୀଙ୍କୁ ସେହି ସମାନ ଅଟକ ଆଦେଶ ଅନୁଯାୟୀ ପୁନର୍ବାର ଅଟକ ରଖିବାର ଆବଶ୍ୟକତା ପଡ଼ିବ ନାହିଁ ।

ଟି. ଏନ୍. ଏ. ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।